# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 9th August – 2025

*************************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କର ଅର୍ଥନୈତିକ ଓ ସାମାଜିକ ଅଗ୍ରଗତି ହୋଇପାରୁଛି; କହିଲେ ମୁଖ୍ୟମନ୍ତ୍ରୀ

— କୋରାପୁଟ ଜିଲ୍ଲାରେ ୫୭୮ରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର କଲେ ଲୋକାର୍ପଣ ଓ ଶିଳାନ୍ୟାସ ।

- ଆଦିବାସୀମାନଙ୍କର ଚଳଣି, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ନିମନ୍ତେ ଆଜି ପାଳନ କରାଯାଉଛି ବିଶ୍ୱ ଆଦିବାସୀ ଦିବସ ।

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ୍ ପ୍ରତିଯୋଗିତା ।

*Desk*

# ସୁଭଦ୍ରା ଯୋଜନା କିସ୍ତି

ମା'ମାନେ ହେଉଛନ୍ତି ସମାଜର ସୃଷ୍ଟିକର୍ତ୍ତା ଏବଂ ସେମାନଙ୍କ ପାଖରେ ସମାଜକୁ ବାନ୍ଧି ରଖିବାର ଶକ୍ତି ରହିଛି।  ଏହି ଶକ୍ତି ଅତୁଳନୀୟ ଓ ଅବର୍ଣ୍ଣନୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କୋରାପୁଟ ଜିଲ୍ଲା ଜୟପୁରରୁ ଆଜି ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ତୃତୀୟ କିସ୍ତି ବଣ୍ଟନ କରିବା ଅବସରରେ ଶ୍ରୀ ମାଝୀ କହିଛନ୍ତି, ନାରୀଙ୍କୁ ସମ୍ମାନ ଦେବା ସହ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନା ପରିକଳ୍ପନା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଯୋଜନା ଆଧାରରେ ମହିଳାଙ୍କ ଅର୍ଥନୈତିକ, ସାମାଜିକ ଅଗ୍ରଗତି ହେବା ସହ ସେମାନେ ସଶକ୍ତ ହୋଇପାରୁଛନ୍ତି। ରାକ୍ଷୀ ପୂର୍ଣ୍ଣିମା ଅବସରରେ ଜୟପୁର ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟରେ ଏକ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରାର ତୃତୀୟ କିସ୍ତି ବଣ୍ଟନ କରିଛନ୍ତି। କୋଟିଆର ସଫଳ ମହିଳା ଉଦ୍ୟୋଗୀ ପାଲୁ ହନ୍ତାଳଙ୍କୁ ତୃତୀୟ କିସ୍ତି ଅର୍ଥ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

***Voice :...........***

ସୁଭଦ୍ରା ରାଶି ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୁଭଦ୍ରା ଏକ ଯୋଜନା ନୁହେଁ ଏହା

ମହିଳାଙ୍କ ବିକାଶରେ ନୂଆ ଇତିହାସ ସୃଷ୍ଟି କରିଛି। ବିକଶିତ ଭାରତରେ ନାରୀଶକ୍ତି ନିଜକୁ ସଶକ୍ତ, ସମୃଦ୍ଧ ଏବଂ ସ୍ୱାଭିମାନୀଭାବେ ପ୍ରତିଷ୍ଠା କରିବାରେ ଏହି ଯୋଜନା ସହାୟକ ହୋଇପାରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ ଓ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ଥିଲେ।

ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଗତବର୍ଷ ସେପ୍ଟେମ୍ବର ମାସରୁ ଏହି ଯୋଜନାର ଆରମ୍ଭ କରିଛନ୍ତି। ୨୧ ବର୍ଷରେ ପଦାର୍ପଣ କରିଥିବା ମହିଳାମାନେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିପାରିବେ।

ଜିଲ୍ଲାସ୍ତରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

***Kendrapara, Malkangiri, Khurda, Baragarh, Boudh, Jajpur/R***

# ସୁଭଦ୍ରା - ଜିଲ୍ଲା

କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରାଘୁରାମ ଆର୍. ଆୟାର୍ ଏବଂ ଜିଲ୍ଲାର ବରିଷ୍ଠ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସୁଭଦ୍ରା କାର୍ଯ୍ୟକ୍ରମପାଇଁ ପୂର୍ବରୁ

ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ ।

ମାଲକାନଗିରି ଜିଲ୍ଲାରେ ସୁଭଦ୍ରା ଅର୍ଥରାଶି ବଣ୍ଟନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ସମେତ ଜିଲ୍ଲାପାଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନା ଅନୁସାରେ, ଜିଲ୍ଲାରେ ୧ ଲକ୍ଷ ୩୯ ହଜାର ୭୨୭ ଜଣ ସୁଭଦ୍ରା ହିତାଧିକାରୀ ପ୍ରଥମ କିସ୍ତି ପାଇଛନ୍ତି । ଦ୍ୱିତୀୟ କିସ୍ତି ୧ ଲକ୍ଷ ୩୮ ହଜାର ୩୫୧ ଜଣଙ୍କୁ ପ୍ରଦାନ କରାଯାଇଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି ।

ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଜୟରାଜଗୁରୁ ଟାଉନ୍ ହଲ୍‌ଠାରେ ଆୟୋଜିତ ମହିଳା ଓ ଶିଶୁ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ସମାରୋହରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ । ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ୩ ଲକ୍ଷ ୫୧ ହଜାର ୧୯୭ ଜଣ ହିତାଧିକାରୀଙ୍କୁ ତୃତୀୟ କିସ୍ତି ପାଇଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି ।

ବରଗଡ଼ ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ ସୁଭଦ୍ରା ଅର୍ଥ କିସ୍ତି ବଣ୍ଟନ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥବ ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଉତ୍ସାହିତ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସୂଚନା ଅନୁସାରେ, ବରଗଡ଼ ଜିଲ୍ଲାର ୩ ଲକ୍ଷ

୫୯ ହଜାର ୯୧୨ ଜଣ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ବୌଦ୍ଧ ଟାଉନ୍ ହଲ୍‌ଠାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାପାଇଁ ସରକାରଙ୍କର ଏହି ଯୋଜନା ହେଉଛି ଏକ ବଳିଷ୍ଠ ପଦକ୍ଷେପ ।

ଯାଜପୁର ଜିଲ୍ଲା ଗୌଗତବୁଦ୍ଧ ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଯୋଗ ଦେଇଥିଲେ । ଜିଲ୍ଲାର ୫ ଲକ୍ଷ ୬୪ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ସୁଭଦ୍ରା ଯୋଜନାରୁ ଲାଭ ପାଉଛନ୍ତି ବୋଲି ଶ୍ରୀ ବେହେରା କହିଛନ୍ତି ।

*IPR*

## ମୁଖ୍ୟମନ୍ତ୍ରୀ - କୋରାପୁଟ

କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜିଲ୍ଲାରେ ୪୫୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୪୩୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ୩୦୯ କୋଟି ଟଙ୍କା ମୂଲ୍ୟର ୧୨୬ଟି ନୂତନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ସେତୁ, ସଡ଼କ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ସ୍ଥାନ

ପାଇଛି । ଜୟପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଖୁବ୍‌ଶୀଘ୍ର ଭୁବନେଶ୍ୱରରୁ ଜୟପୁର ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ କରିବ । ଜୟପୁରସ୍ଥିତ କାଗଜକଳ ପୁନର୍ବାର ଚାଲୁ ହେବା ସହିତ ଜୟପୁରଠାରେ ଏକ ନୁଆ କଲେଜ ସ୍ଥାପନ କରିବାପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

***Desk***

# ସ୍ୱାୟତ୍ତ ଶାସନ ଦିବସ

ଚଳିତ ବର୍ଷ ସ୍ୱାୟତ୍ତ ଶାସନ ଦିବସକୁ ସ୍ମରଣୀୟ କରିବାପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଚଳିତ ମାସ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଏକ ସପ୍ତାହ ବ୍ୟାପୀ ସାର୍ବଜନୀନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ । ସହରାଞ୍ଚଳ ଚାରାରୋପଣ ଅଭିଯାନ - 'ଏକ୍ ପେଡ୍ ମା' କେ ନାମ୍', ଚାରରୋପଣ ପାଇଁ ଉପଯୁକ୍ତ ଜମି ଚିହ୍ନଟ, ସଚେତନତା ଶୋଭାଯାତ୍ରା, ଗୋଷ୍ଠୀ ଭାଗୀଦାରି, ହର୍ ଘର୍ ତ୍ରିରଙ୍ଗା ଏବଂ ପଥ ଉତ୍ସବ ଆୟୋଜନ କରିବାପାଇଁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟର ୧୧୫ଟି ପୌରପାଳିକାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଦିଆଯାଇଛି ।

*Desk*

## ଅପରେସନ୍ ଗରୁଡ଼

ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଚଳିତ ମାସ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାର ପୁଲିସ୍ ଅଧୀକ୍ଷକଙ୍କ ନେତୃତ୍ୱରେ 'ଅପରେସନ ଗରୁଡ଼' ଅଭିଯାନ ଚାଲିଛି । ଅପରାଧ ଓ ଅପରାଧିକ କାର୍ଯ୍ୟକଳାପର ଦୃଢ଼ ମୁକାବିଲା ନିମନ୍ତେ ପୁଲିସ୍ ପକ୍ଷରୁ ଜୋର୍‌ଦାର ଅଭିଯାନ ଜାରି ରହିଛି ବୋଲି ଆଇନ ଶୃଙ୍ଖଳା ବିଭାଗର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାର କହିଛନ୍ତି । ଜାମିନ୍ ବିହୀନ ପରୱାନା କାର୍ଯ୍ୟକାରୀ କରିବା, ନିଶାଦ୍ରବ୍ୟ ଚୋରା କାରବାରକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିବା, ଜୁଆ ଆଡ୍ଡା ଉପରେ ଚଢ଼ଉ କରିବା ଏବଂ ବିଭିନ୍ନ ସ୍ଥାନରେ ସି.ସି.ଟି.ଭି. କ୍ୟାମେରା ଲଗାଇବା ଏହି ଅଭିଯାନର ମୂଳଲକ୍ଷ୍ୟ ବୋଲି ଶ୍ରୀ ସଞ୍ଜୟ କୁମାର କହିଛନ୍ତି ।

*Rayagada/R*

## ବିଶ୍ୱ ଆଦିବାସୀ ଦିବସ

ଆଦିବାସୀମାନଙ୍କର ଚଳଣି, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ନିମନ୍ତେ ଆଜି ବିଶ୍ୱରେ ଆଦିବାସୀ ଦିବସ ପାଳନ କରାଯାଉଛି । ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଦିବାସୀ ସମାଜ ପକ୍ଷରୁ ଏହି ଦିବସକୁ ଆଡ଼ମ୍ବର

ସହକାରେ ପାଳନ କରାଯାଇଛି । ବିଷମ କଟକଠାରେ ବିଧାୟକ ନୀଳମାଧବ ହିକାକା ଏବଂ ରାୟଗଡ଼ାଠାରେ ବିଧାୟକ ଆପଲୁସ୍ୱାମୀ କାଡ୍ରାକା ଆଦିବାସୀମାନଙ୍କ ଉନ୍ନତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି । ରାୟଗଡ଼ା, ମୁନିଖୋଲ, ଗୁଣୁପୁର ଓ କାଶୀପୁର ଆଦି ସ୍ଥାନରେ ଏହି ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଆଦିବାସୀ ଦିବସ ଅବସରରେ ସମସ୍ତ ଆଦିବାସୀ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

***Boudh/R***

# ବୃକ୍ଷ ରକ୍ଷାବନ୍ଧନ

ଆଜି ପବିତ୍ର ରକ୍ଷାବନ୍ଧନ ଅବସରରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୃକ୍ଷ ରକ୍ଷାବନ୍ଧନ ଉତ୍ସବ ଆୟୋଜିତ ହୋଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ବୌଦ୍ଧ ଜିଲ୍ଲାରେ ଗତ ୩୦ ବର୍ଷ ଧରି ଏହି ଉତ୍ସବ ପାଳିତ ହୋଇଆସୁଛି । ଛାତ୍ରଛାତ୍ରୀମାନେ ତିଆରି କରିଥିବା ରଙ୍ଗବେରଙ୍ଗ ରାକ୍ଷୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଥିବା ବିଭିନ୍ନ ବୃକ୍ଷରେ ବନ୍ଧାଯାଇଥିବା ଦେଖିବାକୁ ମିଳିଛି ।

***Boudh/R***

# ଫସଲ ବୀମା

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ୩ଟି ପ୍ରଧାନମନ୍ତ୍ରୀ ଫସଲ ବୀମା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ରଥଗୁଡ଼ିକ ଜିଲ୍ଲାରେ ଥିବା ବିଭିନ୍ନ ଗ୍ରାମ ପରିକ୍ରମା କରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଉପାଦେୟତା ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇବ ।

***Desk***

# ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ପ୍ରତିଯୋଗିତା

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତାକାଲି ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର ୧୮ଟି ବର୍ଗରେ ଅଂଶଗ୍ରହଣ କରିବା ପାଇଁ ବହୁ ତାରକା ଖେଳାଳି ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି। ସେମାନଙ୍କୁ ପାରମ୍ପରିକ ଓଡ଼ିଆ ରୀତିନୀତି ଅନୁଯାୟୀ ସ୍ୱାଗତ କରାଯାଉଛି। ୧୭ଟି ଦେଶର ମୋଟ୍ ୧୬୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ସେଥିମଧ୍ୟରୁ ଭାରତର ୯୭ ଜଣ ଏବଂ ୬୩ ଜଣ ବିଦେଶୀ ଖେଳାଳି ଅନ୍ତର୍ଭୁକ୍ତ। ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିବା ଏବଂ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ

ନେଇ ଷ୍ଟାଡିୟମ୍‌ରେ ଦର୍ଶକଙ୍କର ଉପସ୍ଥିତିକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ଅପରାହ୍ନରୁ ଆରମ୍ଭ ହୋଇ ବିଭିନ୍ନ ବର୍ଗର ପ୍ରତିଯୋଗିତା ରାତି ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟସୂଚୀ ରହିଛି। ୨୦୧୭ ମସିହାରେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଏସିଆନ୍ ଦୌଡ଼କୁଦ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଯାଇଛି।

******